# NATIONAL NEWS BULLETIN (ODIA)

## 28 May - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟରେ ଗତକାଲି ୬୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କଲେ ରାଷ୍ଟ୍ରପତି ।
- ଏକ ଜିଲ୍ଲା ଏକ ଉତ୍ପାଦ ରଣନୀତିକୁ ସମର୍ଥନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ଆସନ୍ତାକାଲିଠାରୁ ଆରମ୍ଭ ହେବ ଦେଶବ୍ୟାପି ବିକଶିତ କୃଷି ସଂକଳ୍ପ ଅଭିଯାନ ।
- ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସଫଳତାର ଶେଷ ପର୍ଯ୍ୟାୟରେ ଉପନିତ ହୋଇଛି, ସୂଚନା ଦେଲେ ଆମେରିକାର ଜାତୀୟ ଅର୍ଥନୈତିକ ପରିଷଦ ନିର୍ଦ୍ଦେଶକ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲି ଶେଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ବିଜୟୀ ।

# ପଦ୍ମ ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ସନ୍ଧ୍ୟାରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ନାଗରିକ ପୁରସ୍କାର' ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ପର୍ଯ୍ୟାୟରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୬୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି । ସେଥିମଧ୍ୟରେ ୩ ଜଣ ପଦ୍ମ ବିଭୂଷଣ, ୯ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୫୭ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି ।

ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଜଗଦିଶ ସିଂହ ଖେହରଙ୍କ ସହ କୁମୁଦୁନୀ ରଜନିକାନ୍ତ ଲାଠିଆଙ୍କୁ ସାର୍ବଜନୀନ କ୍ଷେତ୍ର ଏବଂ କଳାକ୍ଷେତ୍ର ପାଇଁ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଛି । ପ୍ରସିଦ୍ଧ ଲୋକ ଗାୟିକା ସାରଦା ସିହ୍ନାଙ୍କୁ ମରଣୋତ୍ତର ଭାବରେ ପଦ୍ମ ବିଭୂଷଣ ପ୍ରଦାନ କରାଯାଇଛି । ଯତିନ ଗୋସ୍ୱାମୀ, କୈଳାଶନାଥ ଦୀକ୍ଷିତ, ସାଧ୍ୱି ରିତମ୍ଭରାଙ୍କୁ ପଦ୍ମ ଭୂଷଣ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ମଣ୍ଡାକୃଷ୍ଣ ମାଡ଼ିଗା, ଡକ୍ଟର ନିରଜା ଭଟ୍ଟଲା, ସନ୍ତୁରାମ ଦେଶୱାଲ୍ ପ୍ରଶାନ୍ତ ପ୍ରକାଶ, ସୟଦ ଆଇନୁଲ୍ ହସନ ଏବଂ ନଗେନ୍ଦ୍ରନାଥ ରାୟଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି ।

ଡକ୍ଟର ନିରଜା ଭଟ୍ଟଲା ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନାରେ କହିଛନ୍ତି,

**V/O**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତୀୟ ସମାଜ ପାଇଁ ପଦ୍ମ ପୁରସ୍କାର ବିଜେତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପଦ୍ମ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସମ୍ମାନୀତ ବ୍ୟକ୍ତିଙ୍କ ଜୀବନଯାତ୍ରା ସମସ୍ତଙ୍କ ପାଇଁ ପ୍ରେରଣା ଦାୟକ ।

ସୂଚନା ଯୋଗ୍ୟ ଗତକାଲିର ପୁରସ୍କାର ବିତରଣ ସମାରୋହରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଗତମାସରେ ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ୭୧ ଜଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନୀତ କରିଥିଲେ । ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ଚାରି ଜଣ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ ।

## ପିଏମ୍-ଗୁଜରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃ ପ୍ରକାଶ କରିଛନ୍ତି । ଗୁଜରାଟର ଗାନ୍ଧିନଗର ଠାରେ ଗତକାଲି ଗୁଜରାଟ ସହରାଞ୍ଚଳ ବିକାଶ ଯାତ୍ରାର ୨୦ ବର୍ଷ ପାଳନ ଅବସରରେ ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଦେଶର

ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଛନ୍ତି । ଭାରତ ଚତୁର୍ଥ ବୃହତ ଅର୍ଥନୀତି ହେବା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏକ ପୂର୍ବତନ ଉପନିବେଶବାଦୀ ଶକ୍ତିକୁ ପଛରେ ପକାଇବା ଐତିହାସିକ ସଫଳତା । ତୃତୀୟ ଅର୍ଥନୈତିକ ରାଷ୍ଟ୍ର ହେବା ପାଇଁ ଭାରତ ସଠିକ୍ ମାର୍ଗରେ ଗତି କରୁଛି ବୋଲି ସେ କହିଛନ୍ତି ।

୨୦୩୬ ଅଲିମ୍ପିକ୍ ଆୟୋଜନ ନେଇ ଦେଶର ମହାତ୍ୱାକାଂକ୍ଷାର ସେ ପୁନରାବୃତ୍ତି କରିଛନ୍ତି । ଅପରେସନ ସିନ୍ଦୂରର ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ହେଉଛି ଜାତୀୟ ପ୍ରଗତି ପ୍ରତି ଜୀବନବ୍ୟାପି ପ୍ରତିବଦ୍ଧତାର ପ୍ରତୀକ । ଏହା କେବଳ ଏକ ସାମରିକ ପଦକ୍ଷେପ ନୁହେଁ ବରଂ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ଦ୍ୱାରା ଭାଗିଦାରିତା ଆଧାରିତ ଏକ ଦାୟିତ୍ୱ । ସ୍ଥାନୀୟ ଉତ୍ପାଦନ ବୃଦ୍ଧି ଏବଂ ସ୍ୱଦେଶୀ ଶିଳ୍ପକୁ ସମର୍ଥନ କରିବା ଲକ୍ଷ୍ୟ ନେଇ ଏକ ଜିଲ୍ଲା ଏକ ଉତ୍ପାଦ ରଣନୀତିକୁ ସମର୍ଥନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

**V/O**

ଦୁଇ ଦିନିଆ ଗୁଜରାଟ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୮୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ ।

# ଅଲ୍ ପାର୍ଟି ଡେଲିଗେସନ୍

ଆତଙ୍କବାଦ ବିରୋଧରେ ଭାରତର କୂଟନୈତିକ ପ୍ରୟାସର ଅଂଶସ୍ୱରୂପ ଡି.ଏମ୍.କେ. ସାଂସଦ କାନିମୋଝି କରୁଣାନିଧିଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗତକାଲି ଗ୍ରୀସ୍‌ରେ ଯାଇଛନ୍ତି । ଏହି ପ୍ରତିନିଧି ଦଳ ସ୍ଲୋଭାନିଆକୁ ବାହାରି ଗ୍ରୀସ୍‌ରେ ପହଞ୍ଚିଛନ୍ତି । ସୀମାପାର ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପ ଏବଂ ଶୂନ୍ୟ ସହନଶୀଳ ନୀତି ସମ୍ପର୍କରେ ସେ ସେଠାକାର ନେତୃବୃନ୍ଦଙ୍କୁ ଅବଗତ କରାଇବେ ।

# ବିକଶିତ କୃଷି ସଂକଳ୍ପ ଅଭିଯାନ

ଦେଶ ବ୍ୟାପି ବିକଶିତ କୃଷି ସଂକଳ୍ପ ଅଭିଯାନ ଆସନ୍ତାକାଲିଠାରୁ ଆରମ୍ଭ ହେବ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓଡ଼ିଶାର ପୁରୀ ଠାରେ ଏହି ଅଭିଯାନର ଶୁଭାରମ୍ଭ କରିବେ । ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଦେଶର ୭୦୦ରୁ ଅଧିକ ଜିଲ୍ଲାକୁ ସାମିଲ କରାଯାଇଛି । କୃଷି ବୈଜ୍ଞାନିକ ଏବଂ ବିଶେଷଜ୍ଞ ୨୦ଟି ରାଜ୍ୟର ଏହି ଜିଲ୍ଲା ଗୁଡ଼ିକୁ ଗସ୍ତ କରି ଚାଷୀଙ୍କ ସହ ସିଧାସଳଖ ମତ ବିନିମୟ କରିବେ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ୧୫ ଦିନିଆ ଅଭିଯାନ ଅବସରରେ ମନ୍ତ୍ରୀ ଶ୍ରୀ ଚୌହାନ ବିଭିନ୍ନ ରାଜ୍ୟକୁ ଗସ୍ତ କରିବେ ।

ବିଭିନ୍ନ ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ପ୍ରମୁଖ ଖରିଫ୍ ଫସଲର ଆଧୁନିକ କୌଶଳ ସମ୍ପର୍କରେ କୃଷିଜୀବୀଙ୍କୁ ସଚେତନ କରିବା ଏହି ଅଭିଯାନରେ ମୁଖ୍ୟ ଉଦ୍ଦେଶ୍ୟ । କୃଷି କ୍ଷେତ୍ର ପାଇଁ ସରକାରଙ୍କ କଲ୍ୟାଣକାରୀ ଯୋଜନା ଗୁଡ଼ିକ ଉପରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । କୃଷି ବୈଜ୍ଞାନିକ ଏବଂ ବିଶେଷଜ୍ଞ ଦଳ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ର ସଠିକ୍ ବ୍ୟବହାର, ଫସଲ ଚୟନ ଏବଂ ସନ୍ତୁଳିତ ସାର ପ୍ରୟୋଗ ଉପରେ ଏହି ଅବସରରେ ମାର୍ଗ ଦର୍ଶନ କରିବେ ବୋଲି ଜଣାପଡ଼ିଛି ।

## ଇଣ୍ଡିଆ-ୟୁଏସ୍

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସଫଳତାର ଶେଷ ପର୍ଯ୍ୟାୟରେ ଉପନିତ ହୋଇଛି ବୋଲି ଆମେରିକାର ଜାତୀୟ ଅର୍ଥନୈତିକ ପରିଷଦ ନିର୍ଦ୍ଦେଶକ କେଭିନ୍ ହାସେନ କହିଛନ୍ତି । ଏକ ଘରୋଇ ସମ୍ବାଦ ପ୍ରସାରଣ ସଂସ୍ଥାକୁ ସାକ୍ଷାତକାର ଦେଇ ନିର୍ଦ୍ଦେଶକ ହାସେନ ଏହି ସୂଚନା ପ୍ରଦାନ କରିଛନ୍ତି । ସେ କହିଛନ୍ତି, ଟ୍ରମ୍ପ୍ ପ୍ରଶାସନ ଦୃଢ଼ ବାଣିଜ୍ୟ ପ୍ରସ୍ତାବ ପ୍ରଦାନ କରୁଥିବା ଦେଶଗୁଡ଼ିକ ପାଇଁ ଶୁଳ୍କକୁ ୧୦ ପ୍ରତିଶତ କିମ୍ବା ତାଠାରୁ ନିମ୍ନରେ ରଖିବାକୁ ସଂକେତ ଦେଇଛନ୍ତି । ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ୍ ଲୁଟ୍‌ନିକ୍‌ଙ୍କ ସହ ଆଲୋଚନା ପରେ ଗତ ସପ୍ତାହରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ

କହିଥିଲେ, ଉଭୟ ପକ୍ଷ ମଧ୍ୟରେ ପାରସ୍ପରିକ ଲାଭଦାୟକ ସ୍ଥିତିକୁ ଦୃଷ୍ଟିରେ ରଖି ଏହି ବାଣିଜ୍ୟ ଚୁକ୍ତିନାମା ପ୍ରସ୍ତୁତି ନେଇ ଆଲୋଚନା ଚାଲିଛି ।

## ଇଣ୍ଟରନ୍ୟାସନାଲ୍ ଏଭରେଷ୍ଟ ସମିଟ୍

ପ୍ରଥମ ଆନ୍ତର୍ଜାତିକ ଏଭରେଷ୍ଟ ଶିଖର ସମ୍ମିଳନୀ ଗତକାଲି କାଠମାଣ୍ଡୁରେ ଅନୁଷ୍ଠିତ ହୋଇଛି । ଏଥିରେ ଭାରତ ସମେତ ଚୀନ୍, ପାକିସ୍ତାନ, ଆମେରିକା, ନ୍ୟୁଜିଲାଣ୍ଡ ଏବଂ ଅନ୍ୟାନ୍ୟ ରାଷ୍ଟ୍ରରୁ ବହୁ ଏଭରେଷ୍ଟ ଆରୋହି ମିଳିତ ହୋଇଥିଲେ । ନେପାଳର ସଂସ୍କୃତି, ପର୍ଯ୍ୟଟନ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ବଦ୍ରି ପ୍ରସାଦ ପାଣ୍ଡେ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଭବିଷ୍ୟତ ପିଢ଼ି ପାଇଁ ପର୍ବତ ସଂସ୍କୃତିର ସଂରକ୍ଷଣ ଉପରେ ସେ ଗୁରୁତ୍ୱପ୍ରଦାନ କରିଥିଲେ । ଏଭରେଷ୍ଟ ଯାତ୍ରାକୁ ସୁରକ୍ଷିତ ତଥା ଅଧିକ ପ୍ରକୃତି ସଚେତନ କରିବା ପାଇଁ ସେ ଏହି ଅବସରରେ ଆହ୍ୱାନ ଦେଇଥିଲେ । ବହୁ ଜାତୀୟ ଏବଂ ଆନ୍ତର୍ଜାତିକ ପର୍ବତାରୋହିଙ୍କୁ ଏହି ସମ୍ମିଳନୀ ଅବସରରେ ସମ୍ମାନିତ କରାଯାଇଛି ।

## ସ୍ପେଶାଲ ଫିଚର-ପରମବୀରଚକ୍ର

ଆତଙ୍କବାଦ ବିରୁଦ୍ଧରେ ଅପରେସନ ସିନ୍ଦୂରର ସଫଳତା ପରେ ସାରା ଦେଶ ଭାରତୀୟ ସେନାର ବୀରତ୍ୱ ଏବଂ ସାହସ ପ୍ରତି ସମ୍ମାନ ପ୍ରଦର୍ଶନ

କରୁଛି । ସଶସ୍ତ୍ର ବାହିନୀ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ସମାଚାର ବିଭାଗ ପକ୍ଷରୁ ଏକ ବିଶେଷ ଫିଚର ଉପସ୍ଥାପନା କରାଯାଉଛି । ଏହି କ୍ରମରେ ଆଜି ପରମବୀରଚକ୍ର ବିଜେତା  ସୁବେଦାର ଯୋଗିନ୍ଦର ସିଂହଙ୍କୁ ସ୍ମରଣ କରୁଛୁ । ୧୯୬୨ ମସିହାରେ ଚୀନ୍ ଭାରତ ଯୁଦ୍ଧ ସମୟରେ ସେ ସର୍ବୋଚ୍ଚ ବଳୀଦାନ ଦେଇଥିଲେ ।

୧୯୬୨ ମସିହା ଏହି ଯୁଦ୍ଧରେ ସୁବେଦାର ସିଂହ ଏନ୍.ଇ.ଏଫ୍.ଏ.ର ତୱାଙ୍ଗ ସେକ୍ଟରରେ ଏକ ପ୍ଲାଟୁନ୍‌ର ନେତୃତ୍ୱ ନେଇଥିଲେ । ଅକ୍ଟୋବର ୨୦ ତାରିଖରେ ତାଙ୍କ ପ୍ଲାଟୁନ୍ ମ୍ୟାକ୍‌ମୋହନ ରେଖା ଦେଇ ଚୀନ୍‌ର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଥିଲେ । ଅକ୍ଟୋବର ୨୩ ଭୋର୍ ସମୟରେ ଚୀନ୍ ସୈନିକଙ୍କ ପକ୍ଷରୁ ଆକ୍ରମଣ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧରେ ଅସୀମ ପରାକ୍ରମ ପ୍ରଦର୍ଶନ କରି ସୁବେଦାର ସିଂହ ସର୍ବୋଚ୍ଚ ବଳିଦାନ ଦେଇଥିଲେ । ତାଙ୍କୁ ମରଣୋତ୍ତର ଭାବେ ପରମବୀର ଚକ୍ର ପ୍ରଦାନ କରାଯାଇଥିଲା ।

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ଶେଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ ହୋଇଛି । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଗତକାଲି ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ, ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ବେଙ୍ଗାଲୁରୁ

ଲକ୍ଷ୍ନୌକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଲକ୍ଷ୍ନୌ ତିନି ଓ୍ୱିକେଟ୍ ବିନିମୟରେ ୨୨୭ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ରିଷଭ ପନ୍ଥ ୬୧ ବଲ୍‌ରୁ ଅପରାଜିତ ୧୧୮ରନ୍ ସଂଗ୍ରହ କରିଥିଲେ । ତେବେ ୨୨୮ରନ୍‌ର ବିଜୟ ଲକ୍ଷକୁ ବେଙ୍ଗାଲୁରୁ ୧୮ ଓଭର ୪ଟି ବଲ୍‌ରେ ୪ ଓ୍ୱିକେଟ୍ ବିନିମୟରେ ହାସଲ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଜିତେଶ ଶର୍ମା ୩୩ଟି ବଲ୍‌ରୁ ଅପରାଜିତ ୮୫ରନ୍ ସଂଗ୍ରହ କରିଥିଲେ । ବିରାଟ କୋହଲି ୫୪ରନ୍‌ର ପାଳି ଖେଳିଥିଲେ । ଜିତେଶ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଏହି ବିଜୟ ସହ ବେଙ୍ଗାଲୁରୁ ୧୪ଟି ମ୍ୟାଚ୍‌ରୁ ୧୯ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛି । ଆସନ୍ତାକାଲି ପ୍ଲେଅଫ୍ ପର୍ଯ୍ୟାୟ ପ୍ରଥମ କ୍ୱାଲିଫାୟର୍ ମ୍ୟାଚ୍‌ରେ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗସ୍‌କୁ ଭେଟିବ । ବେଙ୍ଗାଲୁରୁ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହେବା ପରେ ଗୁଜରାଟ ଟାଇଟନ୍ସ ତୃତୀୟ ସ୍ଥାନକୁ ଖସିଛି । ଆସନ୍ତା ଶୁକ୍ରବାର ଦିନ ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଆସନ୍ତା ୧ତାରିଖ ରବିବାର ଦିନ ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚ୍ ଏବଂ ତିନି ତାରିଖରେ  ଫାଇନାଲ୍ ମ୍ୟାଚ୍ ଖେଳାଯିବ ।